# Akashvani, Sambalpur

## SAMBALPURI NEWS EVENING BULLETIN

## 3 October 2023- 7.02 pm- 7.12 pm.

*********************************************

### ମୁଖିଆ ଖବର୍

୧- ରାଷ୍ଟ୍ର ନିର୍ମାଣ୍‌ଥି ସମ୍ବାଦପତ୍ର ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ- କହେଲେ କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅନୁରାଗ୍ ସିଂ ଠାକୁର୍ ।

୨- ଭୁବ୍‌ନେଶ୍ୱର୍ ନାଇଜର୍ ପରିସର୍ ନ ହୋମିଭାଭା କେନ୍‌ସର୍ ହସ୍ପିଟାଲ୍ ଆର୍ ଗବେଷଣା କେନ୍ଦ୍ରର୍ ଶିଲାନ୍ୟାସ୍ କଲେ ମୁଖ୍ୟମନ୍ତ୍ରୀ ।

୩- ବିଧାନ୍‌ସଭାଥି ଚଲ୍‌ତି ଆର୍ଥିକ୍ ବଛର୍ ଲାଗି ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ୍ ପାରିତ୍ ।

୪- ପଦାର୍ଥ ବିଜ୍ଞାନ୍‌ଥି ୩ ଝନ୍ ବୈଜ୍ଞାନିକ୍ ପାଏବେ ନୋବେଲ୍ ପୁରସ୍କାର୍ ।

ଆଉର୍

୫- ଲଘୁଚାପ୍ ପ୍ରଭାବ୍‌ଥି ରାଏଜେ ଲାଗି ରହିଛେ ବର୍ଷା - ୫ଟା ଜିଲ୍ଲାକେ ସତର୍କ କଲା ପାଣିପାଗ୍ ବିଭାଗ୍ ।

କେନ୍ଦ୍ରମନ୍ତ୍ରୀ-ଓଡ଼ିଶା ଆର୍‌ଏନ୍‌ୟୁ କଟକ୍

ରାଷ୍ଟ୍ରନିର୍ମାଣ୍‌ରେ ସମ୍ବାଦପତ୍ର ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ, ହେଲେ କେତେ ଲୋକ୍ ସମ୍ବାଦପତ୍ରକେ ନିଜର୍ ବ୍ୟକ୍ତିଗତ ସମ୍ପତି ଭାବେ ବେଭାର୍ କରିଥିସନ୍ ବଲି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅନୁରାଗ୍ ସିଂ ଠାକୁର୍ କହିଛନ । ଭୁବ୍‌ନେଶ୍ୱର୍ ନ ଗୁଟେ ଦୈନିକ୍ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଦିବସ୍ ଅବ୍‌ସରେ ଯୋଗ୍‌ଦେଇକରି ମନ୍ତ୍ରୀ ଶ୍ରୀ ଠାକୁର୍ କହିଛନ୍ ଯେ, ସାମ୍ବାଦିକତା ସେବା ଲାଗି ଉଦ୍ଦିଷ୍ଟ । ହେଲେ ମହାତ୍ମାଗାନ୍ଧୀଙ୍କର୍ ବିଚାର୍‌ଧାରାକେ ଇ ଶ୍ରେଣୀର୍ ସାମ୍ବାଦିକମାନେ ଭୁଲି ଯାଇଛନ୍ । ସାମ୍ବାଦିକତାର୍ ବିକାଶ୍‌ରେ ଆଂଚଲିକ୍ ଭାଷାର ଗୁରୁତ୍ୱ ରହିଛେ । ଆଉ ନୂଆଁ ଜାତୀୟ ଶିକ୍ଷାନୀତିରେ ଭିଲ୍ ଆଂଚଲିକ୍ ଭାଷା ମାନ୍‌କେ ଗୁରୁତ୍ୱ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଠାକୁର୍ କହିଛନ୍ । ସାମାଜିକ ଗଣମାଧ୍ୟମ୍ ଜରିଏ ମିଛ୍ ଖବର୍ ସମ୍ପ୍ରସାରଣ୍‌ରେ ସମାଜ୍‌ର ଅପୂରଣୀୟ କ୍ଷତି ହେଇଥିସି ବଲି ମନ୍ତ୍ରୀ ଶ୍ରୀ ଠାକୁର୍ କହିଛନ୍ । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ଯେ, ୨୦୪୭ ମସିହାରେ ଭାରତ୍ ସ୍ୱାଧୀନତାର୍ ଶତବାର୍ଷିକ ଉତ୍ସବ୍ ପାଲନ୍ କର୍‌ବା । ଇ ସମିଆ ଭିତ୍‌ରେ ଓଡ଼ିଆ ଭାଷା ଆଉ ସଂସ୍କୃତିକେ

ଆହୁରି ସମୃଦ୍ଧ କର୍‌ବାର୍ ଦିଗେ କାମ୍ କର୍‌ବାର୍ ଦର୍‌କାର୍ ରହିଛେ ।

ଦିନ୍‌କିଆ ଓଡ଼ିଶା ଗସ୍ତଥି ଆସିକରି ମନ୍ତ୍ରୀ ଶ୍ରୀ ଠାକୁର୍ ଆଏଜ୍ ବିଜେପି କାର୍ଯ୍ୟାଳୟ ନ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି କହିଥିଲେ ଯେ, 'ନାରୀ ଶକ୍ତି ବନ୍ଦନ୍' ଅଧିନିୟମ୍ ଅଧିନ୍‌ଥି ମହିଳାମାନ୍‌କୁ ଲୋକ୍‌ସଭା ଆଉ ରାଜ୍ୟ ବିଧାନ୍‌ସଭା ନ ୩୩ ପ୍ରତିଶତ୍ ସଂରକ୍ଷଣ୍ ଦେଇକରି କେନ୍ଦ୍ର ସର୍‌କାର୍ ମହିଳାମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଚେରେଷ୍ଟା କରିଛନ୍ ।

ଭୁବ୍‌ନେଶ୍ୱର୍‌ର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର୍ ନ ମେରୀ ମାଟି ମେରା ଦେଶ୍ କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଉ ଶ୍ରୀ ଠାକୁର୍ ଯୋଗ୍ ଦେଇଥିଲେ । ଶ୍ରୀ ପ୍ରଧାନ୍ କହିଥିଲେ ଯେ, ଦେଶେ ମେରୀ ମାଟି ମେରା ଦେଶ୍ କାର୍ଯ୍ୟକ୍ରମ୍ ନୂଆ ଜାଗରଣ୍ ସୃଷ୍ଟି କରିଛେ । ସଂଗ୍ରାମୀମାନ୍‌କୁ ସମ୍ମାନ୍ ଦେବାର୍, ବିକଶିତ ଭାରତ୍ ନ ନିଜର୍ ଯୋଗଦାନ୍ ରଖିବାର୍ ଆଉ ଦେଶର୍ ଏକତା ଆର୍ ଅଖଣ୍ଡତାକେ ବଜାୟ ରଖିବାର୍ ଇ କାର୍ଯ୍ୟକ୍ରମ୍‌ର ଉଦ୍ଦେଶ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ । ଇ ଅବ୍‌ସରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର୍ ନ ମନ୍ତ୍ରୀ ଶ୍ରୀ ଠାକୁର୍ ସ୍ୱାଧୀନତା ସଂଗ୍ରାମୀମାନ୍‌କର୍ ଗୁଟେ ଫଲକକେ ଉନ୍ମୋଚନ୍ କରିଥିଲେ ।

ସୂଚ୍‌ନା ଅନ୍‌ସାରେ ଦୁହି କେନ୍ଦ୍ରମନ୍ତ୍ରୀ ଏଛେନ୍ କଟକ୍ ଠାନେ ଗୁଟେ ସମ୍ବାଦପତ୍ରର ଶତବାର୍ଷିକ ସମାରୋହ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ ।

କେନ୍ଦ୍ରମନ୍ତ୍ରୀ- ଖଦୀ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶେ ହସ୍ତଶିଳ୍ପକେ ତହଁକାବାର୍, ସ୍ଥାନୀୟ କାରିଗର୍‌ମାନ୍‌କର୍ ଆୟ ବଢ଼ାବାର୍ ଆଉ ଭାରତ୍‌ର ଉତ୍ପାଦିତ ଦରବ୍‌କେ ଆମର୍ ପ୍ରତୀକ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଭୋକାଲ୍ ଫର୍ ଲୋକାଲ୍ ଅଭିଯାନ୍‌ଥି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅନୁରାଗ୍ ସିଂ ଠାକୁର୍, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସାଙ୍ଗେ ଭୁବ୍‌ନେଶ୍ୱର୍ ନ ଖଦୀ କପଡ଼ା ଘିନିଛନ୍ । ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରିକରି ଖଦୀ ଦୁକାନୁ ଖଦୀ କପ୍‌ଡ଼ା ଘିନ୍‌ବାର୍‌କେ ସ୍ୱାବଲମ୍ବନ୍‌ର ପ୍ରତୀକ୍ ଖଦୀ ଅପ୍‌ନାବାର୍ ସହେତେ ଆତ୍ମନିର୍ଭର୍ କର୍‌ବାର୍‌ଥି ଭାଗିଦାରୀ ବଢ଼ାବାର୍ ଲାଗି ଶ୍ରୀ ଠାକୁର୍ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-କେନ୍‌ସର୍ ହସ୍ପିଟାଲ୍ ଶିଲାନ୍ୟାସ୍   ଆର୍‌ଏନ୍‌ୟୁ କଟକ୍

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ଜଟଣୀର୍ ନାଇଜର୍ ପରିସର୍ ନ ହୋମିଭାଭା କେନ୍ସର୍ ହସ୍ପିଟାଲ୍ ଆର୍ ଗବେଷଣା କେନ୍ଦ୍ରର୍ ଶିଲାନ୍ୟାସ୍ କରିଛନ୍ । ଇ ଅବ୍ସରେ ସେ କହିଛନ୍ ଯେ, ଇ ଗବେଷଣା କେନ୍ଦ୍ର ବିଶ୍ୱସ୍ତରୀୟ କର୍କଟ ରୋଗ, ଗବେଷଣା ଆଉ ନବଉନ୍ମେଷ କେନ୍ଦ୍ର ହେବା । ୨ ଶହ ଶଯ୍ୟାର୍ ଇ କର୍କଟ ଡାକ୍ତର୍ଖାନା ୨୦୨୫ ମସିହା ଡିସେମ୍ବର୍ ମାସ୍ତକ୍ ପୁରା କାର୍ଯ୍ୟକ୍ଷମ ହେବା । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ୍ କହିଛନ୍ ଯେ, ଏଛେନ୍ କର୍କଟ ରୋଗ୍ର ଚିକିତ୍ସାର୍ ଲାଗି ଓଡ଼ିଶାର୍ ରୋଗୀମାନ୍କୁ ଆଉ ଦୂରିଆ ଜାଗାକେ ଯିବାର୍କେ ନାଇଁ ପଡ଼େ । ଇଥି ଓଡ଼ିଶା ସହେତେ ପଡ଼ୋଶୀ ରାଜ୍ୟ ଝାଡ଼୍ଖଣ୍ଡ, ବିହାର୍, ପଶ୍ଚିମବଙ୍ଗ୍ ଆଉ ଛତିଶ୍ଗଡ୍ର ରୋଗୀମାନେ ଲାଭ୍ ପାଏବେ । ସେ କହିଛନ୍ ଯେ, ଇ ହସ୍ପଟାଲ୍ ଲାଗି ମୋ ବସ୍ ଚାଲ୍ବା ଆଉ ହସ୍ପିଟାଲ୍ ପାଖେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯିବା । ଗରିବ୍ ରୋଗୀମାନ୍କୁ ମାହାଲିଆ ଦର୍କାରୀ ଚିକିତ୍ସା ସୁବିଧା ଯୁଗାବାର୍ ଲାଗି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ୍ ଯୋଜ୍ନାକେ ଇଥି ସାମିଲ୍ କରାଯିବା ଆଉ ହସ୍ପିଟାଲ୍ ଭିତ୍ରେ ଆହାର୍ କେନ୍ଦ୍ର ଖୁଲାଯିବା । ଇଥିର୍ଲାଗି ରାଜ୍ୟ ସର୍କାର୍ ଶହେ ୫୦ କୋଟି ଟଙ୍କା ସହାୟତା ଯୁଗାବାର୍ ସାଙ୍ଗେ ୬୫ ଏକର୍ ଜମି ଭିଲ୍ ଦେଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍ସଭା ଆର୍ଏନ୍ୟୁ କଟକ୍

ବିଧାନ୍‌ସଭା ମୌସୁମୀ ଅଧିବେଶନ୍‌ଥି ଆଏଜ୍ ବିରୋଧୀ ସଦସ୍ୟଙ୍କର୍ କିର୍ଲାଗଗା ଭିତ୍‌ରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ପାରିତ୍ ହେଇଯାଇଛେ । କିର୍ଲାଗଗା ଲାଗି ବିଧେୟକ୍ ଉପ୍‌ରେ ଗୃହ ନ ବିଶେଷ୍ ଆଲୋଚନା ନାଇଁ ହେଇପାରି । ଅର୍ଥମନ୍ତ୍ରୀ ବିକ୍ରମ୍ କେଶରୀ ଆରୁଖ୍ ଇ ଆର୍ଥିକ୍ ବଛର୍ ଲାଗି ୨୮ ହଜାର୍ ୨ ଶହ କୋଟି ଟଙ୍କାର୍ ଅତିରିକ୍ତ ବ୍ୟୟ ବିଧେୟକ ଗୃହଥି ଆଗତ୍ କରିଥିଲେ ।

ଆଏଜ୍ ସଖାଲ୍‌ବେଲା ଆର୍ ଉପର୍‌ବେଲା ଦୁହି ଅଧିବେଶନ୍‌ଥି ଗୃହର୍ କାମ୍ ଥର୍‌କେ ଥର୍ ବାଧା ହେବାର୍ ଲାଗି ବାଚସ୍ପତି ଆଉ ଉପ ବାଚସ୍ପତି ଗୃହକେ ଥର୍‌କେ ଥର୍ ମୁଲ୍‌ତବୀ ରଖିଥିଲେ । ପ୍ରଥମାର୍ଦ୍ଧ ବୈଠକ୍ ଖାଲି ୨ ମିନିଟ୍ ଲାଗି ଚାଲିଥିଲା । ମୁଖ୍ୟମନ୍ତ୍ରୀଙ୍କର୍ ବିବୃତିନୁ ଜନବିରୋଧୀ ଶବ୍ଦ ହଟାବାର୍ ଦାବି କରିକରି ଆଏଜ୍ ବିରୋଧୀ ବିଜେପି ବିଧାୟକ୍‌ମାନେ ଗୃହ ନ କିର୍ଲାଗଗା କରିଥିଲେ । ଇତାର୍‌ସହେତେ ୨ ଝନ୍ ବିଧାୟକ୍‌ଙ୍କର୍ ଉପ୍‌ରୁ ନିଲମ୍ବନ୍ ଆଦେଶ୍ ଉଠେଇ ନେବାର୍ ଦାବିଥି ବିଜେପିର୍ ସଦସ୍ୟମାନେ ଗୃହର୍ ମଝାକେ ଯାଇକରି ବହୁତ୍‌ଟେ କିର୍ଲାଗଗା କରିଥିଲେ ।

ବିଧାନ୍‌ସଭା- ହାତୀ ମୃତ୍ୟୁ ଆର୍‌ଏନ୍‌ୟୁ କଟକ୍

ରାଏଜେ ଗଲା ୮ ବଛର୍ ୬ ଶହ ୯୮ ଘର୍ ହାତୀର୍ ଜୀବନ୍ ଯାଇଛେ । ସେନ୍ତା ଇ ସମିଆ ଭିତ୍ରେ ୭ ଟା ମହାବଳ ଆଉ ୪୮ ଟା କଲ୍ରାପତ୍ରିଆ ବାଘ୍ର ଜୀବନ୍ ଯାଇଛେ ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ପ୍ରଦୀପ୍ କୁମାର୍ ଅମାତ୍ କହିଛନ୍ । ବିଧାନ୍ସଭାଥି ବିଧାୟକ୍ ପ୍ରଫୁଲ୍ଲ ସାମଲ୍ଙ୍କର୍ ଗୁଟେ ଅଣତାରକା ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଅମାତ୍ କହିଛନ୍ ଯେ, ୨୦୧୫-୧୬ ନୁ ଇ ବଛର୍ ଗଲା ୨୫ ତାରିଖ୍ତକ୍ ଇ ହାତୀମାନ୍କର୍ ଜୀବନ୍ ଯାଇଛେ । ଭିନ୍ ଭିନ୍ ରୋଗ୍ ବିଦ୍ୟୁତ୍ ଆଘାତ୍, ରେଲ୍ ଦୁର୍ଘଟଣା, ସଡ଼କ୍ ଦୁର୍ଘଟଣା, ଶୀକାର୍ ଆର୍ ବିଷପ୍ରୟୋଗ୍ ବାଗିର୍ କାରଣ୍ନୁ ହାତୀ ଆଉ ବାଘ୍ ମାନ୍କର୍ ଜୀବନ୍ ଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଉଠା ଜଲ୍ସେଚନ୍ ନିଗମ୍ ପ୍ରତିଷ୍ଠା ଦିବସ ଆର୍ଏନ୍ୟୁ କଟକ୍

ଜଲ୍ସେଚନ୍ ଜରିଏ କୃଷକ୍ମାନେ ସଶକ୍ତ ହେଲେ ଓଡ଼ିଶା ସଶକ୍ତ ହେବା ବଲି ଜଲ୍ସମ୍ପଦ୍, ବାଣିଜ୍ୟ, ଆଉ ପରିବହନ୍ ମନ୍ତ୍ରୀ ଟୁକୁନୀ ସାହୁ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଓଡ଼ିଶା ଉଠା ଜଲ୍ସେଚନ୍ ନିଗମ୍ର ପ୍ରତିଷ୍ଠା ଦିବସ୍ଥି ଯୋଗ୍ ଦେଇକରି ଶ୍ରୀମତୀ ସାହୁ ବୃହତ୍, ମଧ୍ୟମ୍, କ୍ଷୁଦ୍ର ଜଲ୍ସେଚନ୍ ପ୍ରକଳ୍ପ ଥିତି

ଉପସ୍ଥାପନ୍ କରିକରି କହିଛନ୍ ଯେ, ଏବ୍‌ତକ୍ ଉଠାଜଲସେଚନ୍ ଜରିଏ ୧୫ ଲାଖ୍ ହେକ୍ଟର୍‌ନୁ ଅଏତ୍‌କା ଜମିକେ ଜଲ୍‌ସେଚନ୍ କରାଯାଉଛେ । ଆଏବା ଦିନେ ଇ ଲକ୍ଷ୍ୟ ଆହୁରି ଅଏତ୍‌କା ରହିଛେ ବଲି ମନ୍ତ୍ରୀ କହିଛନ୍ । ଗଲା ୫ ବଛର୍ ଭିତ୍‌ରେ ଉଠା ଜଲ୍‌ସେଚନ୍ ନିଗମ୍‌କେ ୩ ଗୁନ୍ ସଫଲତା ମିଲିଛେ । ସେ କହିଛନ୍ ଯେ, ଉଠାଜଲ୍‌ସେଚନ୍ ଜରିଏ ୩୦ ପ୍ରତିଶତ୍‌ନୁ ଅଏତ୍‌କା ଜମିକେ ଜଲ୍‌ସେଚନ୍ ସୁବିଧା ଦିଆଯାଉଛେ । ପାଣି ପଂଚାୟତ୍‌ର ପରିଚାଲନାଥି ମହିଲାମାନ୍‌କର୍ ଭାଗିଦାରୀ ଜରିଏ ଉଠାଜଲ୍‌ସେଚନ୍ ନିଗମ୍‌ର କାମ୍‌କେ ଅଏତ୍‌କା ପ୍ରଭାବ୍‌ଶାଳୀ କର୍‌ବାର୍ ଉପ୍‌ରେ ମନ୍ତ୍ରୀ ଶ୍ରୀମତୀ ସାହୁ ଜୋର୍ ଦେଇଥିଲେ ।

ଇ ଉତ୍ସବ୍‌ଥି ଓଡ଼ିଶା ଉଠା ଜଲ୍‌ସେଚନ୍ ନିଗମ୍‌ର ଅଧ୍ୟକ୍ଷ ଅମରେଶ୍ ପତ୍ରୀ, ନିଗମ୍‌ର ପରିଚାଲନା ନିର୍ଦ୍ଦେଶକ୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ ସୁଧାଂଶୁ ମୋହନ୍ ସାମଲ୍ ଯୋଗ୍ ଦେଇକରି ନିଗମ୍ ତର୍‌ଫୁ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ବାବ୍‌ଦେ ଆଲୋଚନା କରିଥିଲେ ।

ହବିଷ୍ୟାଲି ଆର୍‌ଏନ୍‌ୟୁ କଟକ୍

ପୁରୀ ନ କାର୍ତିକ୍ ମାସେ ହବିଷ୍ୟାଲି ଯୋଜ୍‌ନାଥି ଆଏଜ୍‌ନୁ ନାଁ ପଞ୍ଜିକରଣ୍ ମୁଲ୍ ହେଇଛେ । ଆଗ୍ରହୀ ମହିଲାମାନେ ନିଜର୍

ନିଜର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଜରିଏ କି ଅନ୍‌ଲାଇନ୍ ଜରିଏ edistrict.odisha.gov.in ଥି ନାଁ ପଞ୍ଜିକରଣ୍ କରିପାର୍‌ବେ । ରାଜ୍ୟ ସର୍‌କାର୍ ଆଘର୍ ବାଗିର୍ ହବିଷ୍ୟାଲି ଯୋଜ୍‌ନାଥି ଶ୍ରୀକ୍ଷେତ୍ର ପୁରୀକେ ଆସୁଥିବା ବ୍ରତଧାରୀମାନ୍‌କର୍ ରହେବାର୍, ମାହାପ୍ରଭୁଙ୍କର୍ ଦର୍ଶନ୍ ଆର୍ ମହାପ୍ରସାଦ୍ ସେବନ୍‌ର ବ୍ୟବସ୍ଥା କରୁଛନ୍ ।

ହାଇସ୍କୁଲ୍ ରୂପାନ୍ତରଣ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଫାଇଭ୍-ଟି ହାଇସ୍କୁଲ୍ ରୂପାନ୍ତରଣ୍‌ଥି ସାମିଲ୍ ବିଦ୍ୟାଳୟ ମାନ୍‌କର୍ ଲୋକାର୍ପଣ୍ କାମ୍ ଇ ବଛର୍ ଶେଷ୍‌ତକ୍ ଶେଷ୍ ହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଶେଷ୍ କ୍ଷେପେ ହାଇସ୍କୁଲ୍ ରୂପାନ୍ତରଣ୍ ଲାଗି କାମ୍ ଜାରି ରହିଛେ । ଇ କ୍ଷେପେ ରାଜ୍ୟର୍ ବ୍ଲକ୍ ଗ୍ରାଂଟ୍ ବିଦ୍ୟାଳୟମାନ୍‌କେ ଭିଲ୍ ସାମିଲ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଇଥର ୧ ହଜାର୍ ୭ ଶହ ୭୧ ଟା ବିଦ୍ୟାଳୟ ଚିହ୍ନଟ୍ କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପହେଲା ଖେପେ ୧ ହଜାର୍ ୭୬ ଟା ବିଦ୍ୟାଳୟ ଆଉ ୨ ନମ୍ବର୍ ଖେପେ ୨ ହଜାର୍ ୯ ଶହ ୮ ଟା ଆଉ ୩ ନମ୍ବର୍ ଖେପେ ୨ ହଜାର୍ ଶହେ ୫୧ ଟା ସ୍କୁଲ୍ ଲୋକାର୍ପଣ୍ କରାଯାଇଛେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ କଟକ୍

ଦକ୍ଷିଣ୍ ଝାର୍‌ଖଣ୍ଡ୍ ଆଉ ଆର୍ ଆଖର୍‌ପାଖର୍ ଇଲାକା ନ ଲଘୁଚାପ୍ କ୍ଷେତ୍ର ଆଉ ଦକ୍ଷିଣ ପର୍ଶ୍ଚିମ ମୌସୁମୀ ସକ୍ରିୟ ଥିବାର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ଲାଗି ରହିଛେ । ଗଲା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ବାମ୍‌ରା ଠାନେ ସବୁନୁ ଅଏତ୍‌କା ୧୫ ସେଂଟିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ଅନୁଗୁଲ୍, କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛେ । ସେନ୍ତା ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ବୌଦ୍ଧ, ଢେଙ୍କାନାଲ୍ ସହେତେ ୧୦ ଟା ଜିଲ୍ଲା ନ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ପାଣିପାଗ୍ ବିଭାଗ୍ ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେ ୬ ଶହ ୨୯ ଦଶ୍‌ମିକ୍ ଶୂନ୍/୬ ଫୁଟ୍ ରହିଥିଲା । ଡେମ୍

କଂଟ୍ରୋଲ୍ ରୁମ୍‌ନୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ଇ ସମିଆଥି ୬ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୧ ଲାଖ୍ ୩୬ ହଜାର୍ ୬ ଶହ ୬୬ ଘନଫୁଟ୍ ପାଏନ୍ ମହାନଦୀକେ ଛଡ଼ାଯାଉଛେ ଆଉ ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୧ ଲାଖ୍ ୮୫ ହଜାର୍ ଶହେ ୭୫ ଘନଫୁଟ୍ ପାଏନ ଆସୁଛେ ।